**ରିପୋର୍ଟ ଯୋଗ୍ୟ**

ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଦେୱାନୀ ଅପିଲ କ୍ଷେତ୍ରାଧିକାର

**୨୦୨୨ ର ସିଭିଲ ଆବେଦନ ସଂଖ୍ୟା ୪୧୫୧**

ନନ୍ଦ ଦୁଲାଲ ପ୍ରଧାନ ଓ ଅନ୍ୟଜଣେ................ଆବେଦନକାରୀ

ବନାମ

ଦିବାକର ପ୍ରଧାନ ଓ ଅନ୍ୟ ଜଣେ .... ଉତ୍ତରଦାତାମାନେ

**ରାୟ**

**ଏମ୍. ଆର. ଶାହ, ବିଚାରପତି**

୧. ୨୦୧୮ ମସିହା ମେ ୧୬ ତାରିଖରେ ସି.ଏମ୍ . ପି. ନମ୍ବର୍ ୩୨୪ /୨୦୧୮ ରେ କଟକସ୍ଥିତ ଓଡିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ରାୟ ଓ ଆଦେଶରେ ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ କେବଳ ଏକପାକ୍ଷିକ ରାୟ ଏବଂ ଡିକ୍ରି କୁ ରଦ୍ଦ କଲେ କୌଣସି ଉଦ୍ଦେଶ୍ୟ ସାଧନ ହେବ ନାହିଁ । କାରଣ ଲିଖିତ ବିବୃତି ଅନୁପସ୍ଥିତିରେ ବିବାଦୀମାନେ ପ୍ରମାଣକୁ ଆଗେଇ ନେଇପାରିବେ ନାହିଁ ଏବଂ ଫଳସ୍ୱରୂପ ପ୍ରଥମ ଅପିଲ ନ୍ୟାୟାଳୟର ଏକପାକ୍ଷିକ ରାୟ ଓ ଡିକ୍ରିକୁ ରଦ୍ଦ କରିବା ସହ ଏବେକାର ଆବେଦନକାରୀ- ମୂଳ ପ୍ରତିବାଦୀ ନମ୍ବର୍ ୨ ଓ ୩ ଙ୍କୁ ପ୍ରମାଣତଥ୍ୟ ଉପସ୍ଥାପନ କରିବାକୁ ଅନୁମତି ପ୍ରଦାନ କରି ଦିଆଯାଇଥିବା ଆଦେଶକୁ ରଦ୍ଦ କରିଛନ୍ତି । ଏଥିରେ କ୍ଷୁବ୍ଧ ଏବଂ ଅସନ୍ତୁଷ୍ଟ ହୋଇ ମୂଳ ପ୍ରତିବାଦୀ ନମ୍ବର୍ ୨ ଓ ୩ ଏହି ଅପିଲ କରିଛନ୍ତି।

୨. ଏଠାରେ ଉତ୍ତରଦାତା ନଂ ୧- ମୂଳ ବାଦୀ ଯିଏ କି ମାନ୍ୟବର ଦେୱାନୀ ନ୍ୟାୟାଳୟ (କନିଷ୍ଠ ପ୍ରଭାଗ), ଜଳେଶ୍ୱରରେ ଘୋଷଣା ଏବଂ ଅଧିକାର ପାଇଁ ୨୦୦୩ ର ଟି .ଏସ୍ . ନମ୍ବ ର୍ ୩୧୭ ମାମଲା ଦାୟର କରିଥିଲେ।ଆବେଦନକାରୀ-ମୂଳ ବିବାଦୀ ନଂ. ୨ ଏବଂ ୩ ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଏକ ଆବେଦନପତ୍ର ଦାଖଲ କରିଥିଲେ, ଯାହାକୁ ଅନୁମତି ପ୍ରଦାନ କରାଯାଇଥିଲା । ଏହାପରେ ସି ପି ସି ର ଆଦେଶ ୧ ନିୟମ ୧୦ ଅନ୍ତର୍ଗତ ଆବେଦନକୁ ୨୦.୦୨.୨୦୦୪ ରେ ଅନୁମତି ଦିଆଯାଇଥିଲା । ମାନ୍ୟବର ନିମ୍ନ ଅଦାଲତ ଲିଖିତ ବିବୃତି ଦାଖଲ କରିବା ପାଇଁ ପରବର୍ତ୍ତୀ ତାରିଖ ୨୭.୦୨.୨୦୦୪ ଧାର୍ଯ୍ୟ କରିଥିଲେ । ଏଠାରେ ଆବେଦନକାରୀମାନେ-ମୂଳ ବିବାଦୀ ନମ୍ବର୍ ୨ ଏବଂ ୩ (ଏଠାରେ ଏହା ପରେ "ମୂଳ ବିବାଦୀ ନମ୍ବର୍ ୨ ଏବଂ ୩" ଭାବେ ଉଲ୍ଲେଖ କରାଯାଇଛି) ବିଭିନ୍ନ ତାରିଖରେ ଲିଖିତ ବିବୃତି ଦାଖଲ କରିବା ପାଇଁ ସମୟ ମାଗିଥିଲେ । କିନ୍ତୁ ଅନେକ ସୁଯୋଗ ପାଇବା ପରେ ମଧ୍ୟ ସେମାନେ ଲିଖିତ ବିବରଣୀ ଦାଖଲ କରିନଥିଲେ । ମୂଳ ବିବାଦୀ ନମ୍ବର ୨ ଏବଂ ୩ ମଧ୍ୟ ବହୁ ତାରିଖରେ ଅନୁପସ୍ଥିତ ରହିଥିଲେ । ତେଣୁ ନା ମକଦ୍ଦମାରେ ସେମାନେ କୌଣସି ଲିଖିତ ବିବୃତି ଦାଖଲ କରିଥିଲେ ନା ନିମ୍ନ ଅଦାଲତରେ ହାଜର ହୋଇଥିଲେ । ଏହାପରେ ମାନ୍ୟବର ନିମ୍ନ ଅଦାଲତ ତା ୩୧.୦୮.୨୦୦୪ରିଖରେ ଏକ ଏକପାକ୍ଷିକ ରାୟ ଏବଂ ଡ଼ିକ୍ରି ପାରିତ କରିଥିଲେ। ଉପରୋକ୍ତ

ପରିସ୍ଥିତିରେ, ବିବାଦୀ ନଂ. ୨ ଏବଂ ୩ ସି ପି ସି ର ଆଦେଶ ୯ ନିୟମ ୧୩ ଅଧୀନରେ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବା ପାଇଁ ଆବେଦନପତ୍ର ଦାଖଲ କରିଥିଲେ । ମାନ୍ୟବର ନିମ୍ନ ଅଦାଲତ (ଟ୍ରାଏଲ କୋର୍ଟ) ଉକ୍ତ ଆବେଦନକୁ ବରଖାସ୍ତ କରିଦେଇଥିଲେ ଏବଂ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବାକୁ ମନା କରିଦେଇଥିଲେ । ତେଣୁ ବିବାଦୀ ନମ୍ବର ୨ ଏବଂ ୩ ପ୍ରଥମ ଅପିଲ ଅଦାଲତରେ ଆବେଦନ ପତ୍ର ଦାଖଲ କରିଥିଲେ । ପ୍ରଥମ ଅପିଲ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କରି ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବାକୁ ଦାଖଲ ହୋଇଥିବା ଆବେଦନ ପତ୍ର କୁ ବରଖାସ୍ତ କରି ଦେଇଥିବା ମାନ୍ୟବର ନିମ୍ନ ଅଦାଲତ ( ଟ୍ରାଏଲ କୋର୍ଟ) ଙ୍କ ଆଦେଶକୁ ରଦ୍ଦ କଲେ । ପ୍ରଥମ ଅପିଲ ନ୍ୟାୟାଳୟ ମଧ୍ୟ ଏହି ମାମଲାକୁ ପୁନଃସ୍ଥାପିତ କରିବା ଲାଗି ଆଦେଶ ଦେଇଥିଲେ ଏବଂ ପକ୍ଷମାନଙ୍କୁ ସେମାନଙ୍କ ନିଜ ନିଜର ପ୍ରମାଣ ଉପସ୍ଥାପନ କରିବା ଏବଂ ପ୍ରମାଣର ଖଣ୍ଡନ କରିବା ଲାଗି ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରି ମାମଲାର ଫୈସଲା କରିବା ପାଇଁ ଆଦେଶ ଦେଇଥିଲେ । ଆବେଦନକୁ ଅନୁମତି ଦେବା ଏବଂ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବା ଏବଂ ପକ୍ଷମାନଙ୍କୁ ସେମାନଙ୍କ ନିଜ ନିଜର ପ୍ରମାଣ ଉପସ୍ଥାପନ ଏବଂ ପ୍ରମାଣର ଖଣ୍ଡନ କରିବା ଲାଗି ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରି ଆଇନ ଅନୁଯାୟୀ ମାମଲାକୁ ନୂତନ ଭାବେ ସମାଧାନ କରିବା ଲାଗି ନିର୍ଦ୍ଦେଶ ଦେଇ ପ୍ରଥମ ଅପିଲ ନ୍ୟାୟାଳୟ ଆଦେଶ ପାରିତ କରିଥିବାରୁ ଏଥିରେ ବ୍ୟଥିତ ଏବଂ ଅସନ୍ତୁଷ୍ଟ ଅନୁଭବ କରି ମୂଳ ବାଦୀ ଭାରତର ସମ୍ବିଧାନର ଅନୁଚ୍ଛେଦ ୨୨୬ ଓ ୨୨୭ ଅଧୀନ ରେ ଉଚ୍ଚ ନ୍ୟାୟାଳୟର ଦ୍ଵାରସ୍ଥ ହୋଇ ବର୍ତ୍ତମାନର ଆବେଦନ ପତ୍ରକୁ ବାଛିଥିଲେ। ନିଜର ରାୟ ଏବଂ ଆଦେଶ ବଳରେ ଏବଂ ପ୍ରଥମ ଅପିଲ ନ୍ୟାୟାଳୟଙ୍କ ଦ୍ଵାରା ରେକର୍ଡ କରାଯାଇଥିବା ଫଳାଫଳକୁ ବିଚାରବିମର୍ଶ ନ କରି ଏବଂ/ଅଥବା ଏକପାକ୍ଷିକ ରାୟ ଏବଂ ଡିକ୍ରିକୁ ରଦ୍ଦ କରିବା ଲାଗି ପ୍ରଥମ ଅପିଲ ନ୍ୟାୟାଳୟ ପାଖରେ ଯଥେଷ୍ଟ କାରଣ ଥିଲା କି ନାହିଁ ଏହା ଉପରେ ଧ୍ୟାନ ନ ଦେଇ କେବଳ ବିବାଦୀଙ୍କ ପକ୍ଷରୁ କୌଣସି ଲିଖିତ ବିବୃତି ଦାଖଲ ନକରାଯାଇଥିବା କାରଣରୁ ମାମଲା ପୁଣି ଖୋଲିବା ବ୍ୟର୍ଥ ଅଟେ କାରଣ ଦର୍ଶାଇ ଉଚ୍ଚ ନ୍ୟାୟାଳୟ ପ୍ରଥମ ଅପିଲ ନ୍ୟାୟାଳୟର ଏକପାକ୍ଷିକ ରାୟ ଏବଂ ଡିକ୍ରିକୁ ରଦ୍ଦ କରିଦେଇଛନ୍ତି । ଏହାଦ୍ଵାରା ପ୍ରଥମ ଅପିଲ ନ୍ୟାୟାଳୟ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରି ଦେଇଥିବା ଆଦେଶକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଦେଇଛନ୍ତି।

୨. ୧ ଉଚ୍ଚ ନ୍ୟାୟାଳୟ ଙ୍କ ରାୟ ଓ ଆଦେଶକୁ ନେଇ ବ୍ୟଥିତ ଓ ଅସନ୍ତୁଷ୍ଟ ଥିବା ମୂଳ ବିବାଦୀ ନଂ. ୨ ଓ ୩ ବର୍ତ୍ତମାନ ଅପିଲ କରିଛନ୍ତି।

୩. ସମ୍ପୃକ୍ତ ଦୁଇପକ୍ଷର ଶ୍ରୀମାନ ଓକିଲଙ୍କୁ ଶୁଣି ଏବଂ ପ୍ରଥମ ଅପିଲ ନ୍ୟାୟାଳୟଙ୍କ ଦ୍ଵାରା ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବା ଆଦେଶ ଓ ମାମଲାର ପୁନରୁଦ୍ଧାର ପରେ ପକ୍ଷମାନଙ୍କୁ ସମ୍ପୃକ୍ତ ପ୍ରମାଣ ରଖିବାକୁ ଓ ପ୍ରମାଣ ଖଣ୍ଡନ କରିବାକୁ ସୁଯୋଗ ପ୍ରଦାନ କରି ମକଦ୍ଦମା ର ସମାଧାନ କରାଯିବା ଆଦେଶକୁ ବିଚାର କଲାପରେ ,ଏହି ନ୍ୟାୟାଳୟ ଦ୍ଵାରା ସଂଗ୍ରାମ ସିଂ ବନାମ ନିର୍ବାଚନ ନ୍ୟାୟାଧିକରଣ,ଏ ଆଇ ଆର ୧୯୫୫ ଏସ୍ ସି ୪୨୫ ମାମଲାରେ ଏବଂ ଅର୍ଜୁନ ସିଂ ବନାମ ମହେନ୍ଦ୍ର କୁମାର , ଏ ଆଇ ଆର ୧୯୬୪ ଏସ୍ ସି ୯୯୩ ମାମଲାରେ ଦିଆଯାଇଥିବା/ନିର୍ଦ୍ଧାରିତ ଆଇନ ସହ ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ଥିଲା ବୋଲି ଦେଖାଗଲା ।

୩. ୧ ଏହି ପର୍ଯ୍ୟାୟରେ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ପ୍ରଥମ ଅପିଲ ନ୍ୟାୟାଳୟ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବା ସମୟରେ ନିର୍ଦ୍ଦିଷ୍ଟ ଫଳାଫଳ ପ୍ରଦାନ କରିଥିଲେ ଯେ ବିବାଦୀ ନମ୍ବର ୨ ଏବଂ ୩ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବା ପାଇଁ ଯଥେଷ୍ଟ କାରଣ ପ୍ରଦାନ କରିଛନ୍ତି । କିନ୍ତୁ ଉଚ୍ଚ ନ୍ୟାୟାଳୟ ନିଜର ରାୟ ଏବଂ ଆଦେଶ ଜାରି କରିବା ସମୟରେ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବା ସମୟରେ ପ୍ରଥମ ଅପିଲ ନ୍ୟାୟାଳୟ ଦ୍ୱାରା ରେକର୍ଡ କରାଯାଇଥିବା ଫଳାଫଳକୁ ହାତକୁ ନେଇ ନାହାନ୍ତି କି ବିଚାର କରିନାହାନ୍ତି । ଉଚ୍ଚ ନ୍ୟାୟାଳୟ ପ୍ରଥମ ଅପିଲ ନ୍ୟାୟାଳୟର ଆଦେଶକୁ କେବଳ ଏହି କାରଣରୁ ରଦ୍ଦ କରିଦେଇଛନ୍ତି ଯେ ଯେହେତୁ ବିବାଦୀ ନଂ. ୨ ଏବଂ ୩ ଲିଖିତ ବିବୃତି ଦାଖଲ ନ କରି ମୋକଦ୍ଦମା ଲଢିଥିଲେ,ତେଣୁ ମାମଲା ପୁନର୍ବାର ଖୋଲିବା ବ୍ୟର୍ଥ ହେବ ।ଯାହା ହେଉ ,ଏହି ନ୍ୟାୟାଳୟ ସଂଗ୍ରାମ ସିଂ (ପୂର୍ବୋକ୍ତାରୁ)ଙ୍କ ମାମଲାରେ ଏହା ପର୍ଯ୍ୟବେକ୍ଷଣ ଓ ନିର୍ଦ୍ଧାରିତ କରିଛନ୍ତି ଯେ ଏକତରଫା ଡିକ୍ରୀ ରଦ୍ଦ କରିବା ଏବଂ ମାମଲା ପୁନଃସ୍ଥାପିତ ହେବା ପରେ ମାମଲାର ପକ୍ଷଙ୍କୁ ସେହି ସମାନ ସ୍ଥିତିରେ ରଖାଯିବ, ଯେଉଁ ସ୍ଥିତିରେ ସେ ଏକତରଫା ରାୟ ଏବଂ ଡିକ୍ରି ପାରିତ ହୋଇଥିଲା ଏବଂ ବିବାଦୀମାନଙ୍କୁ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆନପାରେ କାରଣ କୌଣସି ଲିଖିତ ବିବୃତି ଦାଖଲ କରାଯାଇନଥିଲା । ତେବେ ଏହା ସହିତ ସେମାନଙ୍କୁ ଶୁଣାଣି ପ୍ରକ୍ରିୟାରେ ଭାଗ ନେବାକୁ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରିବା ପାଇଁ ଅନୁମତି ଦିଆଯିବା।ଏହି ବିଷୟ ଦୃଷ୍ଟିରୁ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଏବଂ ଆଦେଶ ଅରକ୍ଷଣୀୟ ଅଟେ ।ତଥାପି, ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବା ପରେ ମଧ୍ୟ ଯଦିଓ ଯେଉଁ ବିବାଦୀମାନେ ଲିଖିତ ବିବୃତି ଦାଖଲ କରିନାହାନ୍ତି, ସେମାନଙ୍କୁ ମକଦ୍ଦମାରେ ଭାଗ ନେବା ଏବଂ ସାକ୍ଷୀଙ୍କୁ ଜେରା କରିବା ଲାଗି ଅନୁମତି ଦିଆଯିବ । ତେଣୁ ଉଚ୍ଚ ନ୍ୟାୟାଳୟ ପକ୍ଷରେ ଏହା କହିବା ଠିକ୍ ନୁହେଁ ଯେ ଯେହେତୁ ପ୍ରତିବାଦୀଙ୍କ ଦ୍ୱାରା କୌଣସି ଲିଖିତ ବିବୃତି ଦାଖଲ କରାଯାଇ ନଥିଲା ,ତେଣୁ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରି ମାମଲାକୁ ପୁନର୍ବାର ଖୋଲିବା ବ୍ୟର୍ଥ ହେବ । ପ୍ରଥମ ଅପିଲ ନ୍ୟାୟାଳୟ ଦ୍ୱାରା ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରି ଦିଆଯାଇଥିବା ଆଦେଶର ଗୁଣାଗୁଣ ଉପରେ ଉଚ୍ଚ ନ୍ୟାୟାଳୟ ସଠିକ୍ ଭାବେ ପର୍ଯ୍ୟବେକ୍ଷଣ କରିନାହାନ୍ତି।

୪ . ଉପରୋକ୍ତ ପରିପ୍ରେକ୍ଷୀରେ ଏବଂ ଉପରୋକ୍ତ କାରଣମାନଙ୍କୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ରାୟ ଏବଂ ଆଦେଶକୁ ରଦ୍ଦ କରାଯାଉଛି । ମାମଲାକୁ ପୁନର୍ବାର ଖୋଲିବା ଏବଂ ଏକତରଫା ରାୟ ଏବଂ ଡିକ୍ରିକୁ ରଦ୍ଦ କରିବାପାଇଁ ଦିଆଯାଇଥିବା ପ୍ରଥମ ଅପିଲ ନ୍ୟାୟାଳୟର ଆଦେଶକୁ ଏତଦ୍ୱାରା ପୁନଃସ୍ଥାପିତ କରାଯାଉଛି। ତେବେ ଏହା କୁହାଯାଇଛି ଯେ ମାମଲା ପୁନଃସ୍ଥାପିତ ହେବା ପରେ ବିବାଦୀ ନଂ. ୨ ଏବଂ ୩ ଙ୍କୁ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯିବ ନାହିଁ, କାରଣ ପୂର୍ବରୁ ଅନେକ ସୁଯୋଗ ଦିଆଯାଇଥିଲେ ମଧ୍ୟ ସେମାନେ ଲିଖିତ ବିବୃତି ଦାଖଲ କରିନଥିଲେ । ତେବେ ଏଥିସହ ଗୁଣାଗୁଣ ଆଧାରରେ ସେମାନଙ୍କୁ ମୋକଦ୍ଦମା ରେ ଭାଗ ନେବାକୁ ଏବଂ ସାକ୍ଷୀଙ୍କୁ ଜେରା କରିବାକୁ ଏବଂ ନିଜର ଉପସ୍ଥାପନ ରଖିବାକୁ ଅନୁମତି ଦିଆଯାଇପାରେ । ଉପରୋକ୍ତ ନିର୍ଦ୍ଧାରିତ ସୀମା ପର୍ଯ୍ୟନ୍ତ ବର୍ତ୍ତମାନର ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଯାଉଅଛି । ତେବେ ମାମଲାର ତଥ୍ୟ ଏବଂ ପରିସ୍ଥିତି ରେ ବ୍ୟୟ/ମୂଲ୍ୟ ବାବଦରେ କୌଣସି ଆଦେଶ ରହିବ ନାହିଁ।

...............ବିଚାରପତି

(ଏମ୍ . ଆର୍ . ଶାହ )

...............ବିଚାରପତି

(ବି . ଭି . ନାଗରତ୍ନ)

ନୂଆ ଦିଲ୍ଲୀ ,

ଜୁଲାଇ ୧୧, ୨୦୨୨ .

## ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଅନୁବାଦିକା : ଶ୍ରୀମତୀ ଜୟା  ମୁଖାର୍ଜୀ,**

**ଓଡିଶା ଉଚ୍ଚ ନ୍ୟାୟଳୟ , କଟକ**